## ସଂକ୍ଷେପରେ

### ଉତ୍କଳ ପାଣ ଖ୍ରୀଷ୍ଟିଆନ ସମିତିର ବୈଠକ

ଆର.ଉଦୟଗିରି,୧୦।୬(ଡି.ଏନ.ଏ.)- ମୋହନା ବ୍ଲକର ୩୯ଟି ପଞ୍ଚାୟତରେ ବସବାସ କରୁଥିବା ପାଣ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀମାନଙ୍କଏକ ବୈଠକ କର୍ଚ୍ଚବାଡ଼ି ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଗ୍ରାମର ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ପାଣ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀଙ୍କୁ ସରକାର ବିଭିନ୍ନ ସମୟରେ ଭୁଆଁ ବୁଲାଉଛନ୍ତି। ଏମାନଙ୍କୁ ସରକାର କୌଣସି ଚାକିରି କ୍ଷେତ୍ରରେ ଗ୍ରହଣ କରୁନାହାନ୍ତି କି ରାଜ୍ୟ ରାଜନୀତିରେ ମଧ ୱାର୍ଡ ସଭ୍ୟଙ୍କ ଠାରୁ ବିଧାୟକ ପ୍ରାର୍ଥୀ ହେବା ପର୍ଯ୍ୟନ୍ତ ସଂରକ୍ଷଣ ବ୍ୟବସ୍ଥା ନାହିଁ। ଯେଉଁଠି ଖ୍ରୀଷ୍ଟିଆନ ଧର୍ମର ଲୋକ ସଂଖ୍ୟା ଅଧିକ ସେଠି ଆଦିବାସୀ ଲୋକଙ୍କୁ ଅଙ୍ଗନୱାଡି କର୍ମୀ ଭାବେ ନିଯୁକ୍ତ ଦିଆଯାଉଛି। ପାଠ ପଢ଼ିବାରେ ମଧ ସରକାର ଆଦିବାସୀଙ୍କୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ବିଭିନ୍ନ ସମୟରେ ଜଙ୍ଗଲ ଜମିକୁ ନେଇ ଅଞ୍ଚଳରେ ଗଣ୍ଡଗୋଳ ହେଉଛି। କିନ୍ତୁ ପାଣ ଖ୍ରୀଷ୍ଟିଆନମାନଙ୍କୁ ଜାଗା ଦିଆଯାଉନି। ଆଦିବାସୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସୁବିଧା ସୁଯୋଗ ରହିଥିବା ବେଳେ ପାଣ ଖ୍ରୀଷ୍ଟିଆନଙ୍କୁ ସେସବୁ କ୍ଷେତ୍ରରୁ ବଞ୍ଚିତ କରାଯାଉଛି। ଏଭଳି ଅନେକ ସମସ୍ୟାକୁ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ଗ୍ରାମର ପାଣ ଖ୍ରୀଷ୍ଟିଆନ ଏକ ହୋଇ ସଂଗଠନକୁ ମଜବୁତ କରି ଜିଲାରେ ଏକ ବିରାଟ ସମାବେଶ ଆୟୋଜନ କରି ରାଜ୍ୟ ସରକାରଙ୍କୁ ଅଭିଯୋଗ ପତ୍ର ଦିଆଯିବ ବୋଲି ବୈଠକରେ ସ୍ଥିର କରାଯାଇଥିଲା। ଯଦି ଦାବି ପୂରଣ ନ ହୁଏ ତେବେ ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ବିରୋଧରେ ଜିଲାର ବିଭିନ୍ନ ସ୍ଥାନରେ ରହୁଥିବା ପାଣ ଖ୍ରୀଷ୍ଟିଆନମାନଙ୍କ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ପ୍ରଶାସନକୁ ଚେତାବନୀ ଦିଆଯାଇଥିଲା। ବୈଠକରେ ସଭାପତି ପ୍ରକାଶ ନାୟକ, ବାଲ୍ମିନା ଅଧିକାରୀ, ସାଗର ବଳିଆରସିଂ, ପ୍ରଶାନ୍ତ ବୀର, ବିଭୁ, ଦେବାନନ୍ଦ ନାୟକ, ବିଳାଶ ନାୟକ ପ୍ରମୁଖ ବ୍ୟକ୍ତିଙ୍କ ସମେତ ୩୯ଟି ପଞ୍ଚାୟତର ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।

### ଅଣ ସଂଘଠିତ ଶ୍ରମିକଙ୍କ ସଚେତନତା କର୍ମଶାଳା

ବଲସକୁମ୍ପା, ୧୦।୬: ଖଜୁରିପଡ଼ା ବ୍ଲକ ସୁଡୁକୁମ୍ପା ପଞ୍ଚାୟତ ସ୍ଥାନୀୟ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ (ପାହାଡ଼) କାର୍ଯ୍ୟାଳୟ ସଭାଗୃହଠାରେ ବୁଧବାର କେନ୍ଦ୍ର ସରକାରଙ୍କ ଅଣ ସଂଘଠିତ ଶ୍ରମିକଙ୍କ ୨ ଦିନିଆ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ପଞ୍ଚାନନ ମିଶ୍ରଙ୍କ ସଭାପତିତ୍ୱ କରିଥିବା ବେଳେ ଆୟୋଜିତ ଏହି କର୍ମଶାଳାରେ ଭାରତ ସରକାରଙ୍କ ଶ୍ରମ ମନ୍ତ୍ରାଳୟ ପଞ୍ଜିକରଣ ଆଞ୍ଚଳିକ ନିର୍ଦ୍ଦେଶକ ସରୋଜ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାର ସହାୟତା ଯୋଗାଇଥିବା ବେଙ୍କଲ ସମ୍ମାନିତ ଅତିଥି ଭାବେ ତପନ କୁମାର ଆଚାର୍ଯ୍ୟ, ସମିତିସଭ୍ୟ ତଥା ସମାଜିକ କର୍ମୀ ବୈଦ୍ୟନାଥ ବେହେରା, ବନପାଳ ଶ୍ରୀଧର ସାହୁ, ପାହାଡ଼ ସ୍ୱେଚ୍ଛାସେବୀ ଅନୁଷ୍ଠାର କର୍ମକର୍ତ୍ତା ସର୍ବେଶ୍ୱର ମାଝୀ, ସଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିବା ବେଳେ ପ୍ରାୟ ୪୫ରୁ ଊର୍ଦ୍ଧ୍ୱ ମହିଳା ଶ୍ରମିକ ଏହି କର୍ମଶାଳାରେ ଯୋଗ ଦେଇଥିଲେ। ଏଠାରେ ୨ ଦିନ ଏହି କର୍ମଶାଳା ଶେଷ ହେଲାପରେ ଏହି ପଞ୍ଚାୟତର ଅନ୍ୟ ଗ୍ରାମରେ ଅନୁଷ୍ଠିତ କରାଯିବ ବୋଲି ପାହାଡ଼ ଅନୁଷ୍ଠାନର ସମ୍ପାଦକ ମିଶ୍ର କହିଛନ୍ତି।

### ଜୋନ୍ସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ

ଆର.ଉଦୟଗିରି,୧୦।୬(ଡି.ଏନ.ଏ.)- ଆର. ଉଦୟଗିରି ବ୍ଲକର ସବରପଲ୍ଲୀଠାରେ ଶୁକ୍ରବାର ୧୧ ଜୋନ୍‌ରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧକ୍ଷ ଜି. ତିରୁପତି ରାଓଙ୍କ ସଭାପତିତ୍ୱରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀକୁ ଏମ୍‌ପି ପ୍ରତିନିଧି ଜଗବନ୍ଧୁ ଦାସ ପ୍ରଥମେ ଉପସ୍ଥିତ ସମସ୍ତ ଅତିଥିଙ୍କ ପରିଚୟ ସହ ଗତ ତ୍ରି-ସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିପୁଳ ଭୋଟ ପାଇ ସରପଞ୍ଚ, ସମିତି ସଭ୍ୟା/ସଭ୍ୟ, ୱାର୍ଡ ସଭ୍ୟଙ୍କ ସମେତ ବ୍ଲକ ଅଧକ୍ଷ, ଜିଲା ପରିଷଦ ସଭ୍ୟ ବିଜୟୀ ହୋଇଥିବାରୁ ଭୋଟର ଏବଂ ସମର୍ଥକଙ୍କୁ ଶୁଭେଚ୍ଛା ଜଣାଇବା ନିମନ୍ତେ ଏହି କର୍ମୀ ସମ୍ମିଳନୀ ଆୟୋଜନ କରାଯାଇଥିବା ପ୍ରକାଶ କରିଥିଲେ। ଏହି ସମ୍ମିଳନୀରେ ବ୍ଲକ ବିଜେଡି ସଭାପତି ସଭା ପରିଚାଳନା କରିଥିବା ବେଳେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ପର୍ଯ୍ୟବେକ୍ଷକ ଏମ୍.ଜଗଦୀଶ ରାଓ, ଶବର ସମାଜ ମୁଖ୍ୟ ଝାମୁରା ରଇତ, ରାମ ରଣସିଙ୍ଗ ନାୟକ, ରାଜେନ୍ଦ୍ର ପ୍ରସାଦ ରଣସିଙ୍ଗ ନାୟକ, ଭାସ୍କର ସାହୁ, ଯମୁନା ଦଳବେହେରା, ଡାନିଏଲ ମଣ୍ଡଳ ନିଜ ବକ୍ତବ୍ୟରେ ଅଞ୍ଚଳରେ ସମସ୍ତ ଗ୍ରାମରେ ଲୋକଙ୍କ ହାତକୁ କାମ ଦେଇ ମିଳିମିଶି କାମ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। କର୍ମୀ ସମ୍ମିଳନୀରେ ବ୍ଲକର ୧୭ଟି ପଞ୍ଚାୟତର ଶତାଧିକ କର୍ମୀ ଏବଂ ଶୁଭେଚ୍ଛୁ ଉପସ୍ଥିତ ଥିଲେ। ଜିଲା ପରିଷଦ ସଭାପତି ଏବଂ ଏମ୍‌ପି ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ଯୋଜନା ଯେପରି ଲୋକଙ୍କ ନିକଟରେ ପହଞ୍ଚିପାରିବ ସେ ଦିଗରେ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ।

# ଗଞ୍ଜାମ ଜିଲା: ଜାଲ୍ ପ୍ରମାଣପତ୍ରରେ ୯୯ ଶିକ୍ଷକ ନିଯୁକ୍ତି

## ୭ ବହିଷ୍କୃତ ହେଲେଣି, ଯାଞ୍ଚ ପ୍ରକ୍ରିୟା ବିଳମ୍ବ

ଛତ୍ରପୁର,୧୦।୬(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ବିଭିନ୍ନ ଜାଲ ପ୍ରମାଣପତ୍ର ଦେଇ କେତେଜଣ ଶିକ୍ଷକ ଚାକିରି ହାତେଇଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ଆଖିଦୃଷ୍ଟିଆ ହୋଇପାରିନି।

ଜିଲାରେ ଜାଲ ପ୍ରମାଣପତ୍ର ଦେଇ ୯୯ଜଣ ଶିକ୍ଷକ ନିଯୁକ୍ତି ପାଇଥିବା ଅଭିଯୋଗ ହୋଇଥିଲା । ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ଏହାର ଖୋଳତାଡ ଆରମ୍ଭ ହୋଇଥିଲା । ଜାଲ ପ୍ରମାଣପତ୍ର ଦେଇ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ବିଭିନ୍ନ ଶିକ୍ଷା, ତାଲିମ ପ୍ରମାଣପତ୍ର, ମାର୍କସିଟ୍, ଜାତି ପ୍ରମାଣପତ୍ର ଓ ମାଇଗ୍ରେସନ ପ୍ରମାଣପତ୍ର ଯାଞ୍ଚ କରିବାକୁ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା । ଏ ନେଇ ବିଭାଗ ପକ୍ଷରୁ ୨୦୧୯ରୁ ବାରମ୍ବାର ଗଞ୍ଜାମ ଜିଲା ଶିକ୍ଷାଅଧିକାରୀ, ସମଗ୍ର ଶିକ୍ଷା ଅଭିଯାନର ଡିପିସି, ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ ଚିଠି ଓ ରିମାଇଣ୍ଡର ଚିଠି ଆସୁଛି । ହେଲେ ଯାଞ୍ଚ ପ୍ରକ୍ରିୟା ସରିନି । ଏ ସମ୍ପର୍କରେ କ'ଣ ସବୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ଜଣାଇବାକୁ ଅଧିକାରୀମାନଙ୍କ ନିକଟକୁ ଚିଠି ଆସିଛି ଏବଂ ତାହା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳଙ୍କୁ ମଧ ଚିଠି ଦ୍ୱାରା ଅବଗତ କରାଯାଇଛି। ଯାହାର ପ୍ରମାଣପତ୍ର ଜାଲ ପଡିବ ସେମାନଙ୍କୁ ଚାକିରିରୁ ବହିଷ୍କୃତ କରିବା, ବିଭାଗୀୟ ପ୍ରୋସିଡିଂ ଓ ଜାଲ ଶିକ୍ଷକଙ୍କ ନାଁରେ ସ୍ଥାନୀୟ ଥାନାରେ ଏତଲା ଦିଆଯିବାକୁ କୁହାଯାଇଥିଲା । ମିଳିଥିବା ସୂଚନା ଅନୁଯାୟୀ ୮୫ ଜଣ ଶିକ୍ଷକଙ୍କ ସମ୍ପର୍କରେ ଆଦୌ ରିପୋର୍ଟ ଶିକ୍ଷା ବିଭାଗ ନିକଟକୁ ପଠାଯାଇନି । ବର୍ତ୍ତମାନ ସୁଦ୍ଧା ୭ ଶିକ୍ଷକଙ୍କୁ ବହିଷ୍କୃତ କରାଯାଇଥିବା ବେଳେ ଜଣଙ୍କୁ ସସପେଣ୍ଡ କରାଯାଇଛି। ବହିଷ୍କୃତ ଶିକ୍ଷକଙ୍କ ଠାରୁ ଦରମା ଅର୍ଥ ମଧ ଆଦାୟ ହୋଇନି । ଏଥିସହ ୧୯ ଜଣ ଶିକ୍ଷଙ୍କ ନାଁରେ ଥାନାରେ ଏତଲା ହୋଇଛି। କେତେକ କ୍ଷେତ୍ରରେ ସ୍ଥାନୀୟ ଥାନାରେ ଏତଲା ଦେଇ ବ୍ଲକ ଶିକ୍ଷା ଅଧିକାରୀମାନେ ନୀରବ ବସଛନ୍ତି। ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ଯୋଗୁ କେତେଜଣ କୋର୍ଟକୁ ଯାଇ ସ୍ଥଗିତାଦେଶ ଆଣିବାରେ ସଫଳ ମଧ ହୋଇଛନ୍ତି। ଆଉ କେତେକ ଥାନାରୁ ୪୧ ନୋଟିସ୍‌ରେ ମୁକୁଳି ଶିକ୍ଷକତା କରୁଛନ୍ତି। ପୋଲିସର ସେଭଳି କାର୍ଯ୍ୟାନୁଷ୍ଠାନ ନାହିଁ । ଡିପିସି ଅଫିସ ଚାକିରି ଦେଇଥିବାରୁ ସମ୍ପୃକ୍ତ ଶିକ୍ଷକମାନଙ୍କ କାଗଜପତ୍ର ମାଗିଲେ ମଧ ବିଭନ୍ନ ସମୟରେ ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ ମଧ ମିଳୁନି । ଡିଇଓ, ବିଇଓ ଓ ଡିପିସି ଅଫିସ ମଧରେ ସମନ୍ୱୟ ରହୁନଥିବାରୁ ଯାଞ୍ଚ ପ୍ରକ୍ରିୟା ବିଳମ୍ବ ହେଉଥିବା ଜଣାପଡିଛି । ସମ୍ପୃକ୍ତ ଶିକ୍ଷକ ମାନଙ୍କର ମଧ ପ୍ରମାଣପତ୍ର ଯାଞ୍ଚ ସମ୍ବନ୍ଧୀୟ ରିପୋର୍ଟ ବୋର୍ଡ, ବିଶ୍ୱବିଦ୍ୟାଳୟରୁ ଆସିବାରେ ବିଳମ୍ବ ହେଉଛି ।

### ୨ ବାଇକ୍ ମୁହାଁମୁହିଁ, ୨ ଗୁରୁତର

ଚିଙ୍କିଟି,୧୦।୬(ଡି.ଏନ.ଏ.)

କେ.ନୂଆଗାଁ ଥାନା ଚିଙ୍କିଫାଣ୍ଡି ଅନ୍ତର୍ଗତ ଘାଟି ରାସ୍ତା ଅମଣିଆ ପଦରଠାରେ ଶୁକ୍ରବାର ୨ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ଉଭୟ ଗୁରୁତର ପାତ୍ରପୁର ବ୍ଲକ ଭୀମପୁରର ବୋଲି ଜଣାପଡିଛି। ସେମାନଙ୍କୁ ପ୍ରଥମେ ଚିଙ୍କିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଭୀମପୁରର ଏକ୍ସ ଆର୍ମି ବିଶ୍ୱନାଥ ପତି ନିଜ ଗାଁ ଭୀମପୁରରୁ ଚିଙ୍କିଠାରୁ ଟାମଣା ଘାଟି ରାସ୍ତା ଦେଇ ବ୍ରହ୍ମପୁର ଯାଉଥିଲେ। ବିପରୀତ ଦିଗରୁ ଭୀମପୁର ଗାଁର କାହ୍ନା ନାୟକ ବ୍ରହ୍ମପୁରରୁ ଫେରୁଥିଲା ବେଳେ ଚିଙ୍କିଟି ଉପକଣ୍ଠ ଘାଟି ରାସ୍ତା ଅମଣିଆପଦରଠାରେ ବୁଲାଣିଆ ରାସ୍ତାରେ ଦୁଇ ବାଇକ ଧକ୍କା ହୋଇଥିଲା।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଗଞ୍ଜାମ,୧୦।୬(ଡି.ଏନ.ଏ.)


କାର୍ଯ୍ୟକ୍ରମରେ ଉପସ୍ଥିତ ଏମପି ଓ ଅନ୍ୟମାନେ ।

ଗଞ୍ଜାମ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ସୌଜନ୍ୟରେ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ଶିବିରରେ ସହାୟତା, ଭିନ୍ନକ୍ଷମ ଚିହ୍ନିକରଣ ଏବଂ ଉପକରଣ ବିତରଣ କାର୍ଯ୍ୟକ୍ରମ ବ୍ଲକ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ ଓ ବିଡ଼ିଓ ବିଶ୍ୱଜିତ ରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୨୩ଟି ହ୍ୱିଲ ଚେୟାର ଓ ୫୮ ଟ୍ରାଇ ସାଇକେଲ ଭିନ୍ନକ୍ଷମଙ୍କୁ ବଣ୍ଟାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମପି ଚନ୍ଦ୍ର ଶେଖର ସାହୁ ଯୋଗଦେଇ ଦିବ୍ୟାଙ୍ଗ ମାନଙ୍କ ଲାଗି ସରକାର ସବୁବେଳେ ପ୍ରସ୍ତୁତ କହିଥିଲେ। ଜିଲା ପରିଷଦ ସଭ୍ୟ ସନାତନ ବେହେରା, ବ୍ଲକ ଉପାଧକ୍ଷ ଅନ୍ତର୍ଯ୍ୟାମୀ ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ସୁରଥ ପାହାନ, ପୂର୍ବତନ ଉପାଧକ୍ଷ ଭାଗିରଥି ରେଡି, ସରପଞ୍ଚ ରବୀନ୍ଦ୍ରନାଥ ବେହେରା, ସମିତିସଭ୍ୟା ଗୀତାଞ୍ଜଳି ବେହେରା, କାଉନସିଲର ପି. ମୋହନ ରାଓ, ଡି ଜି ଏମ୍ ରବିନ୍ଦ୍ର କୁମାର ମହାନ୍ତି, ପୂର୍ବତନ କାଉନସିଲର ଡି. କେ. ରାଓ ପ୍ରମୁଖଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ। ଡାକ୍ତର ସୌମ୍ୟକାନ୍ତ ମହାପାତ୍ର, ସିଡିପିଓ ସଲୀଳା ପ୍ରଧାନ, ସହକାରୀ ଯନ୍ତ୍ରୀ ବଂଶୀଧର ପରିଡା, ଏବିଡିଓ ଭବାନୀ ଶଙ୍କର ପ୍ରଧାନ, ଜିପିଓ କୃଷ୍ଣଚନ୍ଦ୍ର ରଥ, ସିନିୟର କ୍ଲର୍କ ପ୍ରଦୀପ କୁମାର ଲାଠି, କାମଧେନୁ ଏନଜିଓ ସମ୍ପାଦକ ଟୁନା ମହାରଣା, ଶିକ୍ଷକ ନିରଞ୍ଜନ ମହାପାତ୍ର ପ୍ରମୁଖଙ୍କ ସହ ଅଙ୍ଗନୱାଡି କର୍ମୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ବ୍ଲକ କର୍ମଚାରୀ, ଏନସିସି ଟିମ ପ୍ରମୁଖ କାର୍ଯ୍ୟକ୍ରମ ସୁପରିଚାଳନାରେ ସହଯୋଗ କରିଥିଲେ।

### ଦିବଂଗତ ସାମ୍ବାଦିକଙ୍କ ପରିବାରକୁ ୧୫ ଲକ୍ଷ ପ୍ରଦାନ

ଛତ୍ରପୁର,୧୦।୬(ଡି.ଏନ୍.ଏ.)

ଓଡିଶାର ସମସ୍ତ ସମ୍ବାଦିକଙ୍କ ହିତ ସକାଶେ ରାଜ୍ୟ ସରକାର ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା, ଓଡିଶା କାର୍ଯ୍ୟରତ ସାମ୍ବାଦିକ କଲ୍ୟାଣ ପାଣ୍ଠି ଯୋଜନା ଆଦି ପ୍ରଣୟନ କରିଛନ୍ତି । କରୋନା ମହାମାରୀରେ ଅନେକ ସାମ୍ବାଦିକ ନିଜ ଜୀବନକୁ ଖାତିର ନକରି ଲୋକଙ୍କ ସୁରକ୍ଷା ଦିଗରେ ଅହରହ ପରିଶ୍ରମ କରିଛନ୍ତି। ଅନେକ ସାମ୍ବାଦିକ କରୋନାରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି । କରୋନାରେ ମୃତ ସାମ୍ବାଦିକଙ୍କ ପରିବାରର ଭରଣ ପୋଷଣ ସକାଶେ ରାଜ୍ୟ ସରକାର ଓଡିଶା କାର୍ଯ୍ୟରତ ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ଲେଖାଏ ଅର୍ଥରାଶି ପ୍ରଦାନ କରୁଛନ୍ତି । ଏହି କ୍ରମରେ ସାମ୍ବାଦିକ ସ୍ୱର୍ଗତ ମନୋଜ କୁମାର ସାହୁଙ୍କ ସ୍ତ୍ରୀ ସରସ୍ୱତୀ ସାହୁଙ୍କୁ ଗୁରୁବାର ୧୫ ଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଛି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରାପ୍ତ ଏହି ଅର୍ଥରାଶି ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଦ୍ୱାରା ପ୍ରଦାନ କରାଯାଇଛି । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ସହଯୋଗ କରିଛନ୍ତି ।

## ଦିଗପହଣ୍ଡି ଅଞ୍ଚଳରେ ବଢୁଛି ବାଇକ ଚୋରି

ଦିଗପହଣ୍ଡି,୧୦।୬(ଡି.ଏନ.ଏ.)

ଦିଗପହଣ୍ଡି ଅଞ୍ଚଳରେ ବାଇକ ଚୋରି କ୍ରମାଗତ ଭାବେ ବଢି ଚାଲିଛି। ଭୀଷ୍ମଗିରି ଗ୍ରାମରେ ରହୁଥିବା ସିଙ୍ଗପୁର ଗ୍ରାମର ଜେ.ଉମାକାନ୍ତ ପାତ୍ରଙ୍କ ହିରୋ ସ୍କୁଟି ( ନଂ. ଓ ଡି ୦୭ ଜେଡ - ୦୭୪୧) କୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଏନେଇ ସେ ଦିଗପହଣ୍ଡି ଥାନାରେ ଏତଲା ଦେବା ପରେ ଥାନା ମାମଲା ନଂ ୧୯୯/୨୨ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇଛି। ସେହିପରି ଦିଗପହଣ୍ଡି ଥାନା ମୌଳାଭଞ୍ଜା ଗ୍ରାମରେ ରହୁଥିବା ଗଜପତି ଜିଲା ରାମଗିରି ଥାନା ସୁବଲଡ଼ା ଗ୍ରାମର ରାଜେନ୍ଦ୍ର ବଡ଼ମୁଣ୍ଡିଙ୍କ ବଜାଜ ପଲସର ବାଇକ (ନଂ.ଓ ଡି ୦୭ ଏ ସି - ୮୦୦୪) କୁ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ସେ ଦିଗପହଣ୍ଡି ଥାନାରେ ଏତଲା ଦେବା ପରେ ଥାନା ମାମଲା ନଂ.୧୯୬/୨୨ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଜଣାପଡିଛି। ଗତ ୨ ମାସ ମଧ୍ୟରେ ଦିଗପହଣ୍ଡି ଥାନାରେ ୧୦ ରୁ ଊର୍ଦ୍ଧ୍ୱ ଚୋରି ଘଟଣା ଘଟିଥିଲେ ମଧ ପୋଲିସକୁ ଅଭିଯୁକ୍ତ ମାନଙ୍କ ଟେର ମିଳିପାରିନାହିଁ।

## ଫୁଲବାଣୀ ବ୍ଲକର ନିଆରା କାର୍ଯ୍ୟକ୍ରମ ପରିବର୍ତ୍ତନ

ଫୁଲବାଣୀ ଅଫିସ, ୧୦।୬



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

କନ୍ଧମାଳ ଜିଲା ତତ୍ତ୍ୱାବଧାନରେ ଫୁଲବାଣୀ ପଞ୍ଚାୟତ ସମିତି ପ୍ରୟାସରେ ଗୁରୁବାର ନିଆରା କାର୍ଯ୍ୟକ୍ରମ 'ପରିବର୍ତ୍ତନ' ଶୁଭାରମ୍ଭ ହୋଇଛି । କେରେଡି ପଞ୍ଚାୟତ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଜରିଆରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟ ସମ୍ପର୍କରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଫୁଲବାଣୀ ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା କଂହର, ସମ୍ମାନିତ ଅତିଥି ଭାବେ ବିଡିଓ ଶାନ୍ତନୁ କୁମାର ନାୟକ, କେରେଡି ସରପଞ୍ଚ ବନିତା ପ୍ରଧାନ, ସମିତି ସଭ୍ୟ ଦେବନାରାୟଣ ପ୍ରଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ କଳ୍ପନା ଦଳାଇ, ଭାରପ୍ରାପ୍ତ ସମନ୍ୱିତ ଶିଶୁ ବିକାଶ ଅଧିକାରୀ କ୍ରିଷ୍ଟା କୁମାରୀ ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ କୁମାର ମିଶ୍ର, ମା' ମଙ୍ଗଳା ପଞ୍ଚାୟତସ୍ତରୀୟ ସଂଘ କେରେଡି ସମ୍ପାଦିକା ସୁଷମା ସାହୁ ଉପସ୍ଥିତ ଥିଲେ। ଓଡ଼ିଶା ଜୀବିକା ମିଶନ ଗୋଷ୍ଠୀ ପ୍ରକଳ୍ପ ପରିଚାଳିକା ସୁଶ୍ରୀ ସବିତା ସୁବୁଦ୍ଧି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ଲକ ବୈଷୟିକ ସଂଯୋଜକ ଜାଜୁଲ୍ୟମୟ ପାତ୍ର, ସମନ୍ୱିତ ଶିଶୁ ବିଭାଗ ପର୍ଯ୍ୟବେକ୍ଷକ ଆନନ୍ଦିନୀ ମହାନ୍ତି ପ୍ରମୁଖ ନିଜ କାର୍ଯ୍ୟକ୍ରମ ବିଷୟରେ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନଙ୍କୁ ସଚେତନ କରାଇଥିଲେ ।

### ଅବ୍ୟବସ୍ଥାରେ ଗ୍ରାମାଞ୍ଚଳ ଡାକଘର

## ଅଧିକାଂଶ ସମୟ ଝୁଲୁଛି ତାଲା


ଗ୍ରାମାଞ୍ଚଳ ଡାକ ଘର ।

ଜି.ଉଦୟଗିରି,୧୦।୬(ଡି.ଏନ.ଏ.)

ସରକାରଙ୍କ ପକ୍ଷରୁ ହାତପାଆନ୍ତାରେ ଲୋକମାନେ ସେବା ପାଇଁ ପ୍ରତି ଗାଁରେ ଶାଖା ଡାକଘର ଖୋଲାଯାଇଥିଲେ ମଧ ଗ୍ରାମାଞ୍ଚଳର ଡାକ ସେବାର ଅସଲ ଲକ୍ଷ୍ୟ ପୂରଣ କରିପାରୁନାହିଁ। ଗ୍ରାମାଞ୍ଚଳରେ ଥିବା ଶାଖା ଡାକଘର ଗୁଡିକରେ ଇଣ୍ଟରନେଟର ସମସ୍ୟା ରହୁଥିବା ବେଳେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ନିଜ ଇଚ୍ଛା ମୁତାବକ ଖୋଲୁଛି ଅଫିସ। ଫଳରେ ଜନସାଧାରଣ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସରକାରୀ କାଗଜ ପତ୍ର ପାଇବାରେ ଅସୁବିଧାର ସମୁଖୀନ ହୋଇଥାନ୍ତି। ଡାକ ସେବା ପାଇଁ ଲୋକମାନେ ଜି.ଉଦୟଗିରି ସହର ଉପରେ ନିର୍ଭର କରୁଛନ୍ତି। ରାଇକଲା ଶାଖା ଡାକଘର ଏହାର ଜ୍ୱଳନ୍ତ ଉଦାହରଣ। ଏହି ଡାକଘର କେବେ ଖୋଲେ ଲୋକମାନେ ଜାଣିପାରୁ ନ ଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ସରକାରୀ ଡକ୍ୟୁମେଣ୍ଟ ପାଇବା, ଟଙ୍କା ଜମାକୁ ନେଇ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ବିଶେଷ କରି ଅସହାୟ ବୃଦ୍ଧ ବୃଦ୍ଧାମାନେ ହଇରାଣ ହୋଇଥାନ୍ତି। ୧୧ କି.ମି. ଗାଡି ଭଡା କରି ଜି.ଉଦୟଗିରି ଆସିଥାନ୍ତି। ଫଳରେ ଦିନକୁ ଦିନ ଜନ ଅସନ୍ତୋଷ ବଢିବାରେ ଲାଗିଛି। ବିଭାଗୀୟ କର୍ତ୍ତୃପକ୍ଷ ଏହାର ସ୍ଥାୟୀ ସମାଧାନ କରିବାକୁ ଦାବି ହୋଇଛି।

### କରସିଂ ଲୁଟ୍ ଘଟଣା, ଆଉ ଜଣେ ଡକାୟତ ଗିରଫ

ବୁଗୁଡ଼ା,୧୦।୬(ଡି.ଏନ.ଏ.)

ବୁଗୁଡ଼ା ଥାନା ଅନ୍ତର୍ଗତ କରସିଂଠାରେ ଦିନ ଦ୍ୱି ପହରେ ଘରେ ପଶି ଲୁଟ ଘଟଣାରେ ପୋଲିସ ଶୁକ୍ରବାର ଆଉଜଣେ ଡକାୟତକୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି। ସେ ହେଲେ ବୁଗୁଡ଼ା ଥାନା କରଚୁଲି ପଞ୍ଚାୟତ ଜେକ ଗ୍ରାମର ଜିତୁ ନାୟକ। ପୂର୍ବରୁ ଏହି ଘଟଣାରେ ନୟାଗଡ ଥାନା ଅନ୍ତର୍ଗତ ଦୁର୍ଗା ପ୍ରସାଦ ଗ୍ରାମର ଜିତୁ ପ୍ରଧାନ ଓ ଜୟ ପ୍ରଧାନ ଗିରଫ ହୋଇଥିବା ବେଳେ ସେମାନଙ୍କଠାରୁ ମଙ୍ଗଳସୂତ୍ର, ହଲେ କାନ ଫୁଲ, ମୋବାଇଲ, ବାଇକ ସହ ୨ ହଜାର ଟଙ୍କା ଜବତ ହୋଇଥିଲା। ସୂଚନାଯୋଗ୍ୟ, ଗତ ବର୍ଷ ଜୁଲାଇ ୨୬ରେ କରସିଂ ଗ୍ରାମର କୃଷ୍ଣ ପ୍ରଧାନଙ୍କ ଘରେ ଦିନ ଦ୍ୱିପହରରେ ୨ଟି ବାଇକରେ ୪ ଜଣ ଡକାୟତ ପାଣି ମାଗିବା ବାହାନାରେ ପଶି ମାଉଜର ଓ ଛୁରୀ ଦେଖାଇ ପରିବାର ଲୋକମାନଙ୍କଠାରୁ ବହୁ ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଥିଲେ। ଏନେଇ ବୁଗୁଡ଼ା ଥାନାରେ ନଂ ୩୭୩/୨୧ରେ ଏକ ମାମଲା ରୁଜୁ ହୋଇଥିଲା।

### ବିଭିନ୍ନ ଦାବି ନେଇ ଗୁଣପୁର-ପୁରୀ ଟ୍ରେନ୍ ଅଟକ

ପାରଳାଖେମୁଣ୍ଡି:୧୦।୬

ଗଜପତି ଜିଲା ପାରଳାଖେମୁଣ୍ଡି ରେଳ ଷ୍ଟେଶନରେ ଶୁକ୍ରବାର ସକାଳୁ ସ୍ଥାନୀୟ ଲୋକେ ବିଭିନ୍ନ ଦାବି ନେଇ ରେଳରୋକୋ କରିଛନ୍ତି। ଦାବିଗୁଡ଼ିକ ମଧ୍ୟରେ ଷ୍ଟେଶନର ଦୋହରୀକରଣ, ପାନୀୟ ଜଳ ବ୍ୟବସ୍ଥା, ଷ୍ଟେଶନରେ ପ୍ରେକ୍ଷାଳୟ ବ୍ୟବସ୍ଥା, ପ୍ଲାଟଫର୍ମର ଉଚ୍ଚତା ବୃଦ୍ଧି ଆଦି ଅନ୍ତର୍ଭୁକ୍ତ। ୩୦ ମିନିଟ ଧରି ଗୁଣପୁର-ପୁରୀ ଟ୍ରେନ୍‌କୁ ଅଟକାଇଥିଲେ। ପରବର୍ତ୍ତୀ ସମୟରେ ଆର୍‌ପିଏଫ୍ ଏବଂ ରେଳବାଇ କର୍ତ୍ତୃପକ୍ଷ ଆସି ବୁଝାଶୁଝା କରିବା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ଅର୍ଥ ଜାଲିଆତି ଅଭିଯୋଗ, ଜଣେ ଗିରଫ

ଆସିକା,୧୦।୬(ଡି.ଏନ୍.ଏ.)

ଆସିକା ଅଞ୍ଚଳରେ ବିଦ୍ୟୁତ ବିତରଣକାରୀ ସଂସ୍ଥାର ଗ୍ରାହକଙ୍କ ଠାରୁ ଆଣୁଥିବା ବିଦ୍ୟୁତ୍ ବିଲ୍ ଜାଲିଆତି କରିଥିବା ଅଭିଯୋଗରେ ଶୁକ୍ରବାର ପୋଲିସ ଜଣେ କର୍ମଚାରୀଙ୍କୁ ଗିରଫ କରିଛି । ସେ ହେଲେ ଆସିକା ଥାନା ଆଲିପୁର ଗ୍ରାମର ଜଗନ ଜେନା । ତାଙ୍କ ନିକଟରୁ ୨୮ ହଜାର ୬ଶହ ଟଙ୍କା ଜବତ କରାଯାଇଛି। ଏ ନେଇ ଆସିକା ଥାନାରେ ୨୯୬/୨୨ରେ ଏକ ମାମଲା ରୁଜୁ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଏହି କର୍ମଚାରୀ ଜଣକ ବିଦ୍ୟୁତ ବିଲ ଆଦାୟ କରି ସେଥିରେ ଜାଲିଆତି କରି ବିଭାଗୀୟ ଖାତାରେ ଟଙ୍କା ଜମା କରିଥିବା ନେଇ ସଂସ୍ଥାର ପ୍ରକଳ୍ପ ପରିଚାଳକ ଜିତେନ୍ଦ୍ର ଝରଝରି ଆସିକା ପୋଲିସରେ ଅଭିଯୋଗ କରିଥିଲେ ।

## ରାଇପଙ୍କା ଠାକୁରାଣୀ ଯାତ୍ରାରେ ଭିଡ଼


ଠାକୁରାଣୀଙ୍କ ଘଟ ପୂଜା ଚାଲିଛି।

ଆର.ଉଦୟଗିରି,୧୦।୬(ଡି.ଏନ.ଏ.)

ମୋହନା ବ୍ଲକ ଅନ୍ତର୍ଗତ ଦୁର୍ଗମ ଅଞ୍ଚଳରେ ଥିବା ରାଇପଙ୍କା ପଞ୍ଚାୟତରେ ଗୁରୁବାରଠାରୁ ଠାକୁରାଣୀ ଯାତ୍ରା ଆରମ୍ଭ ହୋଇଛି। ୮ ବର୍ଷରେ ଥରେ ହେଉଥିବା ଏହି ୫ ଦିନ ଧରି ଚାଲିବ। ଦ୍ୱିତୀୟ ଦିନରେ ଅସ୍ଥାୟୀ ପୀଠରେ ମା'ଙ୍କ ପୂଜାର୍ଚ୍ଚନା କରାଯାଉଛି। ସୁସଜ୍ଜିତ ଆଲୋକ ମାଳା ଓ ମାନସିକଧାରୀଙ୍କ ଗହଣରେ ମା'ଙ୍କ ଘଟ ସମେତ ୫ଟି କଳସ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ଅସ୍ଥାୟୀ ପୀଠରେ ଦୁଇ ଓଳି ମା'ଙ୍କ ଅନ୍ନ ଭୋଗ ମଧ ହେଉଛି। ଜାନୀ ପୂଜାରୀ ଓ ଗ୍ରାମର ଲୋକେ କହିଛନ୍ତି ପ୍ରାୟ ୧୫୦ ବର୍ଷ ହେବ ଚାଲିଛି ଯାତ୍ରା। ଆଖପାଖ ଅଞ୍ଚଳର ଲୋକେ ମା'ଙ୍କୁ ଦର୍ଶନ କରିବାକୁ ଆସୁଛନ୍ତି। ସେହିପରି ରାୟଗଡା ଜିଲାର କେତେକ ଗ୍ରାମର ବହୁ ଲୋକଙ୍କ ଭିଡ ଦେଖିବାକୁ ମିଳୁଛି।

### କଳାଗୁଡ଼ା ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୧୦।୬ (ନି.ପ୍ର.)

ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡ଼ା ଜଙ୍ଗଲରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ହୋଇଛି । କୋରାପୁଟ ଏପିଆର୍ ଫୋର୍ସ, ଜୟପୁର ସଦର ପୋଲିସ, ବୈପାରିଗୁଡ଼ା ଓ ଜୟପୁର ଅବକାରୀ ବିଭାଗ ଏପରି ମିଳିତ ଚଢ଼ାଉ କରିଛି । ମଦ ଚୋରା କାରବାର କରୁଥିବା ବ୍ୟବସାୟୀମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଏହି ଚଢାଉ କରାଯାଇଥିଲା। ତେବେ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଥିବା ବେଳେ କେବଳ ମଦରନ୍ଧା ସରଞ୍ଜାମ ଧରି ବିଭାଗୀୟ କର୍ମଚାରୀମାନେ ଫେରିଛନ୍ତି। ଚଢ଼ାଉରେ ଅବକାରୀ ଉପ ଅଧୀକ୍ଷକ ଶାନ୍ତି ମାରାଣ୍ଡି, ଅବକାରୀ ଓଆଇସି ସଞ୍ଜୟ କାଣ୍ଡିଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

## ପୂର୍ବତନ ସରପଞ୍ଚଙ୍କ ବିରୋଧରେ ଗ୍ରାମବାସୀଙ୍କ ମେଳି


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀ।

ଛତ୍ରପୁର,୧୦।୬(ଡି.ଏନ୍.ଏ.)

ଗଞ୍ଜାମ ବ୍ଲକ ସନ୍ତୋଷପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଡି. ନିରଞ୍ଜନ ରେଡ୍ଡୀଙ୍କ ବିରୋଧରେ କାର୍ତିକଢି ଗାଁ କମିଟି ନେତୃତ୍ୱରେ ଗ୍ରାମବାସୀ ଏକାଠି ହୋଇଛନ୍ତି। ଶୁକ୍ରବାର ଗାଁର ଶତାଧିକ ମହିଳା ଓ ପୁରୁଷ ଛତ୍ରପୁର ଆସି ଜିଲାପାଳ ଏବଂ ଗଞ୍ଜାମ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରୁଣ୍ଡ ହୋଇଥିଲେ। ପରେ ଗ୍ରାମ କମିଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରିଛି। ପୂର୍ବତନ ସରପଞ୍ଚ ଉନ୍ନୟନ କାର୍ଯ୍ୟର ଟଙ୍କା ହଡ଼ପ କରିଥିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ଲାଗି ନିବେଦନ କରାଯାଇଛି। ଗଞ୍ଜାମ ଏସପିଙ୍କ ଅନୁପସ୍ଥିତିରେ ୨ ଅତିରିକ୍ତ ଏସପି ଓ ଛତ୍ରପୁର ଏସଡିପିଓଙ୍କ ସହ ଗାଁ କମିଟିର ଏକ ପ୍ରତିନିଧିଦଳ ଆଲୋଚନା କରିଥିଲେ । ଗାଁ କମିଟି ଦର୍ଶାଇଥିଲା ଯେ, ରେଡ୍ଡୀ ସରପଞ୍ଚ ଥିବାବେଳେ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଆସିଥିବା ଟଙ୍କା ହଡପ କରିଛନ୍ତି। ଗାଁ କୋଠ ଟଙ୍କା ପୈଠ କରିବା ଦୂରର କଥା, ଡାକିଲେ ମଧ ଆସୁନାହାନ୍ତି କି ହିସାବ ଦେଉନ ଥିବା ଗାଁ କମିଟି ପକ୍ଷରୁ ଅଭିଯୋଗ କରାଯାଇଛି । ସୂଚନାଯୋଗ୍ୟ, ଗତ କିଛି ଦିନ ହେଲା ପୂର୍ବତନ ସରପଞ୍ଚ-ଗାଁ କମିଟି ମଧ୍ୟରେ ବିବାଦ ଲାଗି ରହିଛି। ରେଡ୍ଡୀଙ୍କ ପରିବାରକୁ ବାସନ୍ଦ କରାଯାଇଥିବା ନେଇ ରମ୍ଭା ଥାନାରେ ସେ ପୂର୍ବରୁ ଏତଲା ଦେଇଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି। ଅନ୍ୟପଟେ ଏହି ଅଭିଯୋଗକୁ ଗାଁ କମିଟି ପକ୍ଷରୁ ଖଣ୍ଡନ କରାଯାଇଛି।

